SHREE JAGANNATHA TEMPLE ADMINISTRATION
Puri, Odisha

# ଶ୍ରୀମନ୍ଦିର ସମାଚାର

SHREE JAGANNATH TEMPLE BULLETIN

ଅକ୍ଟୋବର - ୨୦୨୧ OCTOBER - 2021

## ଶ୍ରୀମନ୍ଦିରରେ ଉତ୍ପନ୍ନା ଏକାଦଶୀ

ଶ୍ରୀଭଗବାନଙ୍କ ବଚ଼ନାନୁସାରେ 'ମାସାନାଂ ମାର୍ଗଶୀର୍ଷୋଽହମ୍' (ଗୀତା ୧୦।୩୫)। ଏକାଦଶୀ ବ୍ରତ ଶ୍ରୀଭଗବାନଙ୍କ ବିଗ୍ରହ ସ୍ୱରୂପ ମାର୍ଗଶୀର୍ଷ ମାସର କୃଷ୍ଣପକ୍ଷରେ 'ଉତ୍ପନ୍ନା ଏକାଦଶୀ' ନାମରେ ଆରମ୍ଭ ହୁଏ। 'ଉତ୍ପନ୍ନା ଏକାଦଶୀ'ର ଉତ୍ପତ୍ତି ବିଷୟ ପଦ୍ମପୁରାଣ ଉତ୍ତରଖଣ୍ଡ (୩୬/୫୦-୮୦)ରେ ବର୍ଣ୍ଣିତ ଅଛି।



ସତ୍ୟଯୁଗରେ ତାଳଜଂଘ ଦୈତ୍ୟର ପୁତ୍ର 'ମୁର' ନାମକ ଅତ୍ୟନ୍ତ ବଳଶାଳୀ ଦାନବ ଥିଲା। ଦେବାସୁର ଯୁଦ୍ଧରେ ସେ ଇନ୍ଦ୍ରାଦି ଦେବତାମାନଙ୍କୁ ପରାସ୍ତ କରି ସ୍ୱର୍ଗ ଏବଂ ମର୍ତ୍ତ୍ୟ ସର୍ବତ୍ର ନିଜ ଆଧିପତ୍ୟ ବିସ୍ତାର କରିଥିଲା। ଶେଷରେ ସେ ବୈକୁଣ୍ଠାଧିପତି ଭଗବାନ ବିଷ୍ଣୁଙ୍କ ସହ ଶତ୍ରୁତା ଆଚ଼ରଣ କରି ତାଙ୍କ ସହ ଯୁଦ୍ଧରେ ପ୍ରବୃତ୍ତ ହେଲା। ଯୁଦ୍ଧରେ ଅସୁର ପରାସ୍ତ ହେଲା ନାହିଁ। ଭଗବାନ ବିଷ୍ଣୁ ବିଶ୍ରାମ କରିବା ନିମିତ୍ତ ବଦରୀବନ ସମୀପସ୍ଥ ସିଂହାବଳୀ ନାମକ ମହାଗୁମ୍ଫାରେ ପ୍ରବେଶ କଲେ। ସେଠାରେ ଭଗବାନ ବିଷ୍ଣୁ ଯୋଗନିଦ୍ରାରେ ବିଶ୍ରାମ କରିବାକୁ ଲାଗିଲେ। ଏଣେ ଚନ୍ଦ୍ରାବତୀ ନଗରୀରେ ନିବାସ କରି ମୁର ଦାନବ ସର୍ବଜୀବଲୋକକୁ କରାୟତ୍ତ କରି ବିଷ୍ଣୁଙ୍କ ବିଶ୍ରାମସ୍ଥଳ ଅନ୍ୱେଷଣ ପୂର୍ବକ ଉକ୍ତ ଗୁମ୍ଫା ମଧ୍ୟରେ ପ୍ରବେଶ କଲା। ସେଠାରେ ସେ ଭଗବାନଙ୍କୁ ଯୋଗନିଦ୍ରାରେ ଲୀନ ଦେଖି ଶୟନାବସ୍ଥାରେ ହିଁ ଆକ୍ରମଣ କରିବାକୁ ଉଦ୍ୟତ ହେଲାବେଳେ ଶ୍ରୀବିଷ୍ଣୁଙ୍କ ବିଗ୍ରହରୁ ଏକ ଦିବ୍ୟ ଶକ୍ତି କନ୍ୟା ରୂପରେ ସହସା ଆବିର୍ଭୂତ ହୋଇ ମୁରଦାନବକୁ ଯୁଦ୍ଧ ନିମିତ୍ତ ଆହ୍ୱାନ କଲେ। ଦାନବେନ୍ଦ୍ର ସେହି କନ୍ୟା ସହ ଯୁଦ୍ଧ ଆରମ୍ଭ କଲା। ସେହି ଦିବ୍ୟ କନ୍ୟା ଅକ୍ଳେଶରେ ମୁର ଦାନବର ସମସ୍ତ ଶସ୍ତ୍ରାସ୍ତ୍ର ନଷ୍ଟ କରି ତାକୁ ବିରଥ କରିଦେଇ ତାର ବକ୍ଷ ସ୍ଥଳରେ ମୁଷ୍ଟିକାଘାତ କରିବାରୁ ସେ ଧରାଶାୟୀ ହେଲା। କିନ୍ତୁ ପୁନଃ ଉତ୍ଥିତ ହୋଇ ଦେବୀଙ୍କ ପ୍ରତି ପ୍ରଧାବିତ ହେବାରୁ ମହାଶକ୍ତି ହୁଙ୍କାର ମାତ୍ରରେ ତାକୁ ଭସ୍ମ କରିଦେଇଥିଲେ। ଦାନବର ସହଯୋଗୀମାନେ ପ୍ରାଣ ଭୟରେ ପାତାଳକୁ ପଳାୟନ କଲେ।

ଏହାପରେ ଭଗବାନ ଜାଗ୍ରତ ହୋଇ ନିଜ ଠାରୁ ଉତ୍ପନ୍ନ ମହାଶକ୍ତିଙ୍କୁ ଦିବ୍ୟ କନ୍ୟା ରୂପରେ ଦେଖି ତାଙ୍କୁ ପଚାରିଲେ- କନ୍ୟକେ ! ତୁମେ କିଏ ? ଏହି ଦୁଷ୍ଟ ଦାନବର ବଧ କିଏ କଲା ? କନ୍ୟା କହିଲେ- ଏହି ଦୁଷ୍ଟ ଦାନବ ଆପଣଙ୍କ ଶୟନାବସ୍ଥାରେ ଆକ୍ରମଣ କରିବାକୁ ଉଦ୍ୟତ ହେବାରୁ ମୁଁ ଆପଣଙ୍କ ଶରୀରରୁ ନିର୍ଗତ ହୋଇ ତା'ସହ ଯୁଦ୍ଧ କଲି। ଆପଣଙ୍କ କୃପାରେ ତାକୁ ବଧ କରି ଇନ୍ଦ୍ରାଦି ଦେବତାଙ୍କୁ ସେମାନଙ୍କ ସ୍ଥାନ ପ୍ରଦାନ କଲି। ଏହା ଶୁଣି ଭଗବାନ ବିଷ୍ଣୁ ପ୍ରସନ୍ନ ହୋଇ କହିଲେ- ହେ କନ୍ୟକେ ! ମୁଁ ତୁମ ପ୍ରତି ଅତ୍ୟନ୍ତ ପ୍ରୀତ ହେଲି। ତୁମେ ଅଭୀଷ୍ଟ ବର ମାଗ। କନ୍ୟାରୂପୀ ମହାଶକ୍ତି କହିଲେ- ହେ ପରମେଶ୍ୱର ! ଯଦି ଆପଣ ମୋ ପ୍ରତି ସନ୍ତୁଷ୍ଟ ତେବେ ଏପରି ବର ପ୍ରଦାନ କରନ୍ତୁ ଯଦ୍ୱାରା ବ୍ରତ- ଉପବାସ କରୁଥିବା ଭକ୍ତଜନମାନଙ୍କୁ ଉଦ୍ଧାର କରିପାରିବି ତଥା ଆପଣ ସେମାନଙ୍କୁ ଧର୍ମ, ଐଶ୍ୱର୍ଯ୍ୟ (ଧନ), ଭକ୍ତି ଏବଂ ମୁକ୍ତି ପ୍ରଦାନ କରିବେ। ଭଗବାନ କହିଲେ ତଥାସ୍ତୁ'। ତୁମର ଭକ୍ତମାନେ ମୋର ଭକ୍ତ ରୂପେ ବିବେଚିତ ହେବେ। ତୁମେ ଏକାଦଶୀ ତିଥିରେ ମୋର ବିଗ୍ରହାଙ୍ଗରୁ ସମୁତ୍ପନ୍ନ ହୋଇଥିବାରୁ ତୁମେ 'ଉତ୍ପନ୍ନା ଏକାଦଶୀ' ନାମରେ ଲୋକ ପରଲୋକରେ ପ୍ରସିଦ୍ଧ ହେବ। ଏକାଦଶୀ ବ୍ରତାଚାରୀମାନେ ସର୍ବାଧିକ ପୁଣ୍ୟ ପ୍ରାପ୍ତ ହେବେ।

ଶ୍ରୀମନ୍ଦିରରେ ଏକାଦଶୀ ତିଥିରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୁଏ, ଯାହା ସନ୍ଧ୍ୟା ଆଳତି ପରେ ଆରମ୍ଭ ହୋଇଥାଏ। ପ୍ରତ୍ୟେକ ଏକାଦଶୀ ତିଥିରେ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଶ୍ରୀବିଗ୍ରହମାନଙ୍କ ବେଶ ମଇଲମ ହୋଇ ଶାଢ଼ୀ ଖଣ୍ଡୁଆ ଲାଗି ହୁଏ। ତାପରେ ସନ୍ଧ୍ୟା ଆଳତି ଓ ସର୍ବାଙ୍ଗ ଚନ୍ଦନ ଲାଗି ନୀତି ହୁଏ। ସର୍ବାଙ୍ଗ ପୂର୍ବରୁ ଶ୍ରୀମଦନମୋହନ ମହାଜନ ସେବକଙ୍କ ଦ୍ୱାରା ରତ୍ନ ସିଂହାସନ ଉପରେ ବିଜେ ହୋଇ ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ପ୍ରାପ୍ତ ହେବା ପରେ ପାଲିଙ୍କିରେ ବିରାଜମାନ କରି ବେଢ଼ାବୁଲା କରିଥାନ୍ତି। ତାପରେ ଜୟବିଜୟ ଦ୍ୱାର ଠାରେ ଆଳତିବନ୍ଦାପନାଦି ନୀତି ବଢ଼ିଲା ପରେ ଦକ୍ଷିଣି ଘରକୁ ବାହୁଡ଼ା ବିଜେ କରନ୍ତି।

ଏକାଦଶୀ ରାତ୍ରିରେ ତିନି ବାଡ଼ରେ ମହାଦୀପ ଆଳତି ହୁଏ। ଏହି ମହାଦୀପ ରତ୍ନସିଂହାସନ ଚତୁଃପାର୍ଶ୍ୱ, ଜୟବିଜୟ ଦ୍ୱାର ଏବଂ ବିମଳା ମନ୍ଦିର ପର୍ଯ୍ୟନ୍ତ ଯାଇଥାଏ। ଗରୁଡ଼ ସେବକ ପୂଜାପଣ୍ଡାଙ୍କ ଠାରୁ ଶ୍ରୀନୀଳଚକ୍ରଙ୍କ ନିମିତ୍ତ ତୁଳସୀ ଚ଼ନ୍ଦନ ପ୍ରସାଦ ନେଇ ଦଧିନଉତି ତଳେ ଦଣ୍ଡାୟମାନ ହୋଇ ନୀଳଚକ୍ରଙ୍କୁ ଲାଗି କରାଇବା ପରେ ମହାଦୀପ ଓ ଚନ୍ଦ୍ରଉଦିଆ ପ୍ରଜ୍ଜ୍ୱଳିତ କରି ତିନିଘେରା ପରିକ୍ରମଣ କରିଥାନ୍ତି। ସେହି ସମୟରେ ମହାପ୍ରଭୁଙ୍କୁ ପୁରୀରାଜାଙ୍କ ସୁରକ୍ଷା ଓ ହିତଚିନ୍ତନ ପ୍ରାର୍ଥନା ପୂର୍ବକ ହରିବୋଲ ଡାକ ଦେଇଥାନ୍ତି।

*ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟ- ମିଶ୍ର ଲେନ୍, ମାର୍କଣ୍ଡେଶ୍ୱର ସାହି, ପୁରୀ*

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ଦଶହରା ଓ ଆୟୁଧ ପୂଜା :

ତା.୧୫.୧୦.୨୧ରିଖ ଶୁକ୍ରବାର ଆଶ୍ୱିନ ଶୁକ୍ଳ ଦଶମୀ ତିଥି ତଥା ପବିତ୍ର ଦଶହରା ଉପଲକ୍ଷେ ମଙ୍ଗଳଆଳତି, ଅବକାଶ ବଢ଼ିଲା ପରେ ଚନ୍ଦନ ଲାଗି ହୋଇଥିଲା । ପରେ ନୂଆ ଲୁଗା ଲାଗି ସହିତ ୩୨ ମୂର୍ତ୍ତି ଅଳଙ୍କାର ଲାଗି ହୋଇ ବେଶ ବଢ଼ିଥିଲା । କର୍ପୂର ଲାଗି ପରେ ପାଳିଆ ପୁଷ୍ପାଳକମାନେ ୫ଖଣ୍ଡ ଆଜ୍ଞାମାଳ ଲାଗି କରି ସିଂହାସନରୁ ଓହ୍ଲାଇଥିଲେ । ପାଣି ପଡି ଗୋପାଳବଲ୍ଲଭ, ସକାଳ ଧୂପ ସରିଲା ପରେ ଭଣ୍ଡାର ଦୁଆର ଠାରେ ପୂଜାରେ ବସିଥିବା ଆୟୁଧମାନଙ୍କୁ ପୂଜାପଣ୍ଡା ମହାସ୍ନାନ କରାଇ ବରୁଣ ପୂଜା କରିଥିଲେ । ପରେ ୬ଜଣ ମେକାପ ରୂପା ଥାଳିରେ ଆୟୁଧମାନ ରଖି ଘଣ୍ଟ, ଛତା, କାହାଳୀ ପଟୁଆରରେ ତଳିଚ୍ଛ ଓ ପ୍ରଧାନୀ ହାତମୁଦ ମଧ୍ୟରେ ୩ ବେଢ଼ା ବୁଲି ଭିତର ସିଂହାସନ ଠାକୁ ବିଜେ କରାଇଥିଲେ । ପରେ ପାଳିଆ ପୁଷ୍ପାଳକମାନେ ତିନି ବାଡରେ 'ଆୟୁଧ' ଲାଗି କରିଥିଲେ । ବଡ ବାଡରେ ହଳମୂଷଳ, ମଝି ବାଡରେ ତଡ଼ଗୀ, ମହାପ୍ରଭୁଙ୍କ ବାଡରେ ଶଙ୍ଖଚକ୍ର ଲାଗି ହୋଇଥିଲେ । ଏହା ମଧ୍ୟରେ ଦକ୍ଷିଣ ଘର ଠାରେ ମଦନମୋହନ, ରାମକୃଷ୍ଣ ବୀର ବେଶ ହୋଇଥିଲେ । ପରେ ଭିତରକୁ ମଦନମୋହନ, ରାମକୃଷ୍ଣ, ଦୁର୍ଗାମାଧବ ବିଜେ କରିଥିଲେ । ଏହାପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ତିନି ବାଡରେ ମଙ୍ଗଳାର୍ପଣ କରିବା ପରେ ପୂଜାପଣ୍ଡା ଆଜ୍ଞାମାଳ ଦେଇଥିଲେ । ଏହାପରେ ପାଲିଙ୍କିକୁ ରାମକୃଷ୍ଣ, ରଥକୁ ଦୁର୍ଗାମାଧବ ଏବଂ ବିମାନକୁ ମଦନମୋହନ ବିଜେ ହୋଇଥିଲେ । ସେଠାରୁ ବିରାଟ ପଟୁଆରରେ ପାଲିଙ୍କି, ରଥ, ବିମାନ ମହାଖଳାପଦା ଅଭିମୁଖେ (ଜଗନ୍ନାଥବଲ୍ଲଭ ମଠ) ଯାତ୍ରା କରିଥିଲେ । ମହାଖଳାପଦା ଠାରେ ମୁଦିରସ୍ତ ପ୍ରସାଦ ଲାଗି କଲା ପରେ ପୂଜାପଣ୍ଡା ଶୀତଳଭୋଗ, ବନ୍ଦାପନା କରିଥିଲେ ଓ ଏହାପରେ ଦିଅଁମାନେ ବାହୁଡା ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ରାଧାଦାମୋଦର ବେଶ ଏବଂ ବାଳଧୂପ ଆରମ୍ଭ :

ତା. ୧୬.୧୦.୨୧ରିଖ ଶନିବାର ଦିନ ଆଶ୍ୱିନ ଶୁକ୍ଳ ଏକାଦଶୀ ଅବସରରେ ମଙ୍ଗଳଆଳତି, ଅବକାଶ ବଢ଼ିଲା ପରେ 'ରାଧା ଦାମୋଦର ବେଶ' ଅନୁଷ୍ଠିତ ହୋଇଥିଲା । ପରେ ପାଣିପଡି ଗୋପାଳବଲ୍ଲଭ, ସକାଳଧୂପ



ହୋଇଥିଲା । ସକାଳଧୂପ ପ୍ରସାଦ ବାହାରିଲା ପରେ ପାଣିପଡି ବାଳଧୂପ ଛେକ ଆସିଥିଲା । ପାଳିଆ ପୂଜାପଣ୍ଡାମାନେ ପଞ୍ଚୋପଚାରରେ 'ବାଳଧୂପ ପୂଜା' କରିଥିଲେ । ଭୋଗ ସରିଲା ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ବନ୍ଦାପନା କରିଥିଲେ ।

## ଶ୍ରୀମନ୍ଦିରରେ ଗର୍ଭଣା ସଂକ୍ରାନ୍ତି :

ତା. ୧୭.୧୦.୨୧ରିଖ ରବିବାର ଦିନ ଗର୍ଭଣା ସଂକ୍ରାନ୍ତି ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତିମାନ ସଂପାଦନ ହୋଇଛି । ଏହି ଦିନ ଯଥାରୀତି ପ୍ରକାରେ ସକାଳ ଧୂପ, ଭୋଗମଣ୍ଡପ ସରିଲା ପରେ ତିନି ବାଡରେ ମୈଲମ ହୋଇ, ପୂଜା ଠା' ହେବା ପରେ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା । ଏହାପରେ ଘଟୁଆରୀ ଘରୁ ରୂପା ପିଙ୍ଗଣ ମଧ୍ୟରେ ଚନ୍ଦନ ରଖାଯାଇ ପାଟବସ୍ତ୍ର ଆବୃତ୍ତି ପୂର୍ବକ ପୂଜାପଣ୍ଡା, ପତିମହାପାତ୍ର ଏବଂ ମୁଦିରସ୍ତଙ୍କ ଦ୍ୱାରା ଘଣ୍ଟ, ଛତା, କାହାଳୀ ପଟୁଆରରେ ରତ୍ନ ସିଂହାସନକୁ ଚନ୍ଦନ ବିଜେ ହୋଇ ତିନି ବାଡରେ ସର୍ବାଙ୍ଗ ନୀତି ହୋଇଥିଲା । ଏହାପରେ ବେଶ ହୋଇ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇ ପାଣିପଡ଼ି ମଧ୍ୟାହ୍ନ ଧୂପ ଡାକି ଯାଇଥିଲା । ମଧ୍ୟାହ୍ନ ଧୂପ ଉଠିଲା ପରେ ମହାପ୍ରଭୁଙ୍କ ବାଡରେ ମୁଦିରସ୍ତଙ୍କ ଦ୍ୱାରା ପ୍ରସାଦଲାଗି ବଢ଼ିଥିଲା ଏବଂ ତିନିଜଣ ପାଳିଆ ପୂଜାପଣ୍ଡାଙ୍କ ଦ୍ୱାରା ଭୋଗ ପୂଜା ବସିଥିଲା । ଟେରା ପଡିବା ପରେ ମହାପ୍ରଭୁଙ୍କ ବାଡର ପୂଜାପଣ୍ଡା ବାହାରକୁ ଆସିବା ସହିତ ରୋଷ ପାଇକ ରୋଷ ଭିତରେ ଅଲଗା ଭାବେ ରଖିଥିବା ଏକ ଓଳି ଓରିଆ ଅନ୍ନ (ଶଙ୍ଖୁଡ଼ି) ନେଇ ଶ୍ରୀମନ୍ଦିରରେ ୮ ଗୋଟି ସ୍ଥାନରେ ବାଢ଼ିଥିଲେ । ଏହାକୁ ପୂଜାପଣ୍ଡା ମଣୋହୀ କରାଇଥିଲେ । ଏହାକୁ 'ବଳି' କୁହାଯାଏ । ଏହାପରେ ଭିତରକୁ ପୂଜାପଣ୍ଡା ଯାଇ ମଧ୍ୟାହ୍ନ ଧୂପ ଶେଷ କରିଥିଲେ । ଭୋଗ ସରି ପ୍ରସାଦ ବାହାରିଲା ପରେ ପାଣି ପଡିଥିଲା ଏବଂ ଗର୍ଭଣା ସଂକ୍ରାନ୍ତି ସଂପୃକ୍ତ ବିଶେଷ ନୀତିର ଆଉ ଏକ ଅଙ୍ଗ ଯଥା 'ବନ୍ଦାପନା' ନୀତି ପୂଜାପଣ୍ଡା ପତିମହାପାତ୍ର ଓ ମୁଦିରସ୍ତଙ୍କ ଦ୍ୱାରା ସମାପନ ହୋଇ ଅନ୍ୟାନ୍ୟ ନୀତିମାନ ଅନୁଷ୍ଠିତ ହୋଇଥିଲା ।

## ଶ୍ରୀମନ୍ଦିରରେ କୁମାର ପୂର୍ଣ୍ଣିମା ଓ ଶ୍ରୀସୁଦର୍ଶନ ଦେବଙ୍କ ଆଶ୍ରମ ବିଜେ :

ତା. ୨୦.୧୦.୨୧ରିଖ ବୁଧବାର ଦିନ ଆଶ୍ୱିନ ପୂର୍ଣ୍ଣମୀ ଅବସରରେ ପୂର୍ବ ପରମ୍ପରା ପ୍ରକାରେ ଶ୍ରୀମନ୍ଦିରରେ ବିଶେଷ ନୀତିମାନ ଅନୁଷ୍ଠିତ ହୋଇଥିଲା । ଉକ୍ତ ଦିନ ମଧ୍ୟାହ୍ନ ଧୂପ ସରିଲା ପରେ ଲକ୍ଷ୍ମୀ, ସରସ୍ୱତୀ ଖଟଶେଯ ଘରକୁ ବିଜେ



ପରେ ଶ୍ରୀସୁଦର୍ଶନ ଦେବ ଆଜ୍ଞାମାଳ ପାଇ ଦଇତାପତିମାନଙ୍କ ଦ୍ୱାରା ଚଉଦୋଳକୁ ବିଜେ ହୋଇଥିଲେ । ସେଠାରେ ପାଟପତନୀ ଲାଗି, ମାଳଚୂଳ ଲାଗି ପରେ ଚଉଦୋଳରେ ଘଣ୍ଟ, ଛତା, କାହାଳୀ ପଟୁଆରରେ ବଡଦାଣ୍ଡ ବାଟେ ରାଜାନଅର ଓ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଦେଇ ତିନି ଆଶ୍ରମ ପରିକ୍ରମା କରି ପଶ୍ଚିମ ଦ୍ୱାର ନିକଟରେ ବିଜେ ହୋଇଥିଲେ । ସେଠାରେ ବନ୍ଦାପନା ହୋଇ ଭିତର ଜଗମୋହନକୁ ଆସିଲାପରେ ରୁନ୍ଧା ଫିଟା ଯାଇ ସିଂହାସନକୁ ବିଜେ କରାଯାଇଥିଲା । ପରେ ପାଣିପଡି ୪ ବାଡ ମହାସ୍ନାନ ମୈଲମ ବଢ଼ିଲା ପରେ ସର୍ବାଙ୍ଗ, ନୂଆଲୁଗା ଲାଗି ହୋଇ ବେଶ ବଢ଼ିଥିଲା । ପାଣିପଡି ଛେକ ଆସିଲାପରେ ୪ଜଣ ପୂଜାପଣ୍ଡା ୪ବାଡରେ ସଂଧ୍ୟାଧୂପ ପୂଜା ବସିଥିଲେ । ଭୋଗ ସରିଲାପରେ ମଦନମୋହନ ଆସି ଲକ୍ଷ୍ମୀଙ୍କ ସହିତ ଆଜ୍ଞାମାଳ ପାଇ ସାତପାହାଚ ଠାରେ ଥିବା ପାଲିଙ୍କିକୁ ବିଜେ ହୋଇଥିଲେ । ସେଠାରୁ ଲକ୍ଷ୍ମୀମନ୍ଦିର ଜଗମୋହନରେ ପଡ଼ିଥିବା ଖଟକୁ ଯିବାରେ ଲକ୍ଷ୍ମୀଙ୍କ ପ୍ରତିନିଧି ଭିତରଛ ଏବଂ ମହାପ୍ରଭୁଙ୍କର ପ୍ରତିନିଧି ମୁଦିରସ୍ତ ଉଭୟଙ୍କ ମଧ୍ୟରେ ହିଙ୍ଗୁଳ କଉଡି ୨୧, ରୂପା କଉଡି ୨୧ ପଶା, ଶକଟା ଖେଳମାନ ଖେଳିଥିଲେ । ପରେ ବାହୁଡି ମଦନମୋହନ ଦକ୍ଷିଣ ଘରକୁ ଓ ଲକ୍ଷ୍ମୀ ସିଂହାସନକୁ ଯିବାରେ ମୈଲମ, ଚନ୍ଦନ ଲାଗି, ନୂଆପତନୀ ଲାଗି ସହ ୬ମୂର୍ତ୍ତି ଅଳଙ୍କାର ଲାଗି ହୋଇ ବଡସିଂହାର ବେଶ ହୋଇଥିଲା । ପାଣିପଡି ଭୋଗ ଆସିବା ପରେ ଫଳ ସାମଗ୍ରୀ ପନ୍ତୀ ହେବାରେ ପୂଜାପଣ୍ଡା, ମଣୋହି କରିଥିଲେ । ପରେ ୩ଜଣ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ଜୁଆ, ଶକଟା ସିଂହାସନ ତଳେ ଓ ଉପରେ ଖେଳିଥିଲେ । ଏଠାରେ ମହାପ୍ରଭୁ ହାରିବାରେ ମାଧବ ମହାଜନଙ୍କ ହାତରେ ଲକ୍ଷ୍ମୀ ମନ୍ଦିରକୁ ବିଜେ ହୋଇ ସେଠାରେ ୭ଦିନ ପାଇଁ ବନ୍ଧା ରହିଥିଲେ ।●

# ଶ୍ରୀମନ୍ଦିରରେ ବିଜେ ପ୍ରତିମା

ଶ୍ରୀମନ୍ଦିରର ସୁରମ୍ୟ ରତ୍ନ ସିଂହାସନରେ ଭାଇ ଭଉଣୀଙ୍କୁ ସଙ୍ଗରେ ଧରି ବିରାଜମାନ କରିଥିବା ପରମକାରୁଣିକ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ମହାପ୍ରଭୁ ନାନାବିଧ ଯାନିଯାତ୍ରା ମାଧ୍ୟମରେ ଜଗତ କଲ୍ୟାଣ ଓ ଭକ୍ତଜନମାନଙ୍କୁ ଅପାର ଆନନ୍ଦ ପ୍ରଦାନ କରିବା ନିମନ୍ତେ ଅପୂର୍ବ ଲୀଳାମାନ ପ୍ରଦର୍ଶନ କରିଥାନ୍ତି । ବର୍ଷକୁ ଦୁଇଥର ସ୍ନାନଯାତ୍ରା ଓ ଶ୍ରୀଗୁଣ୍ଡିଚା ଯାତ୍ରାରେ ମହାପ୍ରଭୁ ସ୍ୱୟଂ ଲୀଳା କରିବା ପାଇଁ ବାହାରକୁ ବିଜେ କରିଥାନ୍ତି । ଏତଦ୍‌ବ୍ୟତୀତ ଅନ୍ୟ ସମସ୍ତ ଯାନିଯାତ୍ରା ବିଜେ ପ୍ରତିମାମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥାଏ । ମୁଖ୍ୟ ମନ୍ଦିରର ଦକ୍ଷିଣ ଦିଗରେ ଓ ମୁକ୍ତିମଣ୍ଡପର ସମ୍ମୁଖଭାଗରେ ଥିବା ଦକ୍ଷିଣ ଘରେ ବିଜେ ପ୍ରତିମା ଠାକୁରମାନେ ଅବସ୍ଥାନ କରିଥାନ୍ତି । ଏଠାରେ ଥିବା ବିଜେ ପ୍ରତିମାମାନେ ହେଲେ- ମଦନମୋହନ, ରାମ, କୃଷ୍ଣ, ନାରାୟଣ, ଦୋଳଗୋବିନ୍ଦ, ବାଡ଼ିନୃସିଂହ, ଲକ୍ଷ୍ମୀନୃସିଂହ, ରାମ, ଲକ୍ଷ୍ମଣ, ସୀତା, ହନୁମାନ ପ୍ରଭୃତି । ଏତଦ୍‌ବ୍ୟତୀତ ରତ୍ନସିଂହାସନରେ ବିରାଜିତ ଶ୍ରୀଦେବୀ, ଭୂଦେବୀ, ସୁଦର୍ଶନ ଓ ମାଧବ ମଧ୍ୟ ଅନେକ ସମୟରେ ବିଜେ ପ୍ରତିମା ଭାବରେ କାର୍ଯ୍ୟନିର୍ବାହ କରିଥାନ୍ତି । ଭଣ୍ଡାରଘରେ ଦୁର୍ଗାଦେବୀ ମଧ୍ୟ ବିଜେ ପ୍ରତିମା ଭାବେ ବିରାଜିତା । ଏମାନେ ସମସ୍ତେ ବିଭିନ୍ନ ତିଥିରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ଯାନିଯାତ୍ରାରେ ଠାକୁରମାନଙ୍କର ପ୍ରତିନିଧି ସ୍ୱରୂପ କାର୍ଯ୍ୟ ସମ୍ପାଦନ କରିଥାନ୍ତି ।



ଶ୍ରୀମଦନମୋହନ :

ନବୀନଘନସୁନ୍ଦରେ ବିମଳହେମପୀତାମ୍ବରେ
ତ୍ରିଭଙ୍ଗିମକଳେବରେ ମୁରଳୀଚୁମ୍ବିବିମ୍ବାଧରେ ।
ମନୋଜ୍ଞରସଲମ୍ପଟେ ସଖି ବିଲୋକ୍ୟ ବଂଶୀବଟେ
ମନୋ ମମ ନିରନ୍ତରଂ ମଦନମୋହନେ ମଜ୍ଜତୁ ॥

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ବିଜେ ପ୍ରତିମା ଶ୍ରୀମଦନମୋହନ ଅତ୍ୟନ୍ତ କମନୀୟ । ସେ ଦୁଇ ପାଦକୁ ଛନ୍ଦି ତ୍ରିଭଙ୍ଗଭଙ୍ଗୀରେ ଦୁଇ ହାତରେ ବଂଶୀ ଧାରଣ କରି ବାଦନ କରିବା ଠାଣୀରେ ଦଣ୍ଡାୟମାନ ହୋଇଛନ୍ତି । ଲୀଳାମୟ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ବିଭିନ୍ନ ଯାତ୍ରା ଉତ୍ସବ କାଳରେ ଶ୍ରୀମଦନମୋହନ ପ୍ରତିନିଧି ଭାବରେ ଲୀଳା କରିଥାନ୍ତି । ବୈଶାଖ ଶୁକ୍ଳ ତୃତୀୟାଠାରୁ ଆରମ୍ଭ ହେଉଥିବା ଚନ୍ଦନଯାତ୍ରା ସମୟରେ ଶ୍ରୀମଦନମୋହନ ଶ୍ରୀଜଗନନାଥଙ୍କର ପ୍ରତିନିଧି ଭାବରେ ଲୀଳା କରିଥାନ୍ତି । ଅକ୍ଷୟ ତୃତୀୟାଠାରୁ ଏକୋଇଶ ଦିନ ପର୍ଯ୍ୟନ୍ତ ବାହାର ଚନ୍ଦନଯାତ୍ରା କାଳରେ ମହାପ୍ରଭୁଙ୍କର ବିଜେ ପ୍ରତିମା ଶ୍ରୀମଦନମୋହନ, ଶ୍ରୀଦେବୀ ଓ ଭୂଦେବୀଙ୍କ ସହିତ ମଣିବିମାନରେ ବିରାଜମାନ କରି ସଙ୍ଗରେ ଶ୍ରୀରାମ, ଶ୍ରୀକୃଷ୍ଣ, ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀକପାଳମୋଚନ ଓ ଶ୍ରୀନୀଳକଣ୍ଠେଶ୍ୱରଙ୍କୁ ନେଇ ନରେନ୍ଦ୍ର ପୁଷ୍କରିଣୀରେ ନୌବିହାର କରିଥାନ୍ତି । ଦୀର୍ଘ ଏକୋଇଶ ଦିନ ଧରି ଦିନରପ ଓ ଜଳକ୍ରୀଡ଼ା ନୀତି ସରିବା ପରେ ଶ୍ରୀମଦନମୋହନ ଦେବଙ୍କୁ ଚନ୍ଦନ ମଣ୍ଡପ ଉପରେ ବିଜେ କରାଯାଇ ତିଥି ଅନୁଯାୟୀ ବିଭିନ୍ନ ବେଶରେ ଭୂଷିତ କରାଯାଇଥାଏ । ସେହି ବେଶଗୁଡ଼ିକ ହେଲା- ନଟବର ବେଶ, ହରିଜନ୍ମ ବେଶ, ଖଟଦୋଳି ବେଶ, ରାଜାଧିରାଜ ବେଶ, ବସ୍ତ୍ରାଚ୍ଛରଣ ବେଶ, ବସ୍ତ୍ରାହରଣ ବେଶ, ଗୋମତୀକୃଷ୍ଣ ବେଶ, ଅଘାସୁରବଧ ବେଶ, ଚକ୍ରନାରାୟଣ ବେଶ, ନାବକେଳୀ ବେଶ, ରାସମଣ୍ଡଳୀ ବେଶ, ନୃସିଂହ ବେଶ, କନ୍ଦର୍ପରଥ ବେଶ, ଷଡ଼ଭୁଜଗୌରାଙ୍ଗ ବେଶ, ରଘୁନାଥ ବେଶ, ବସ୍ତ୍ରହରଣ ବେଶ, ଗିରିପୂଜା ବେଶ, ଗିରିଧାରଣ ବେଶ, ଗଜଉଦ୍ଧାରଣ ବେଶ ଓ କୁଞ୍ଜଦୋଳି ବେଶ । ଏକୋଇଶ ଦିନ ବାହାର ଚନ୍ଦନ ଯାତ୍ରା ସମାପ୍ତ ହେବାପରେ ଭିତର ଚନ୍ଦନ ଏକୋଇଶ ଦିନ ମଧ୍ୟରୁ ଜ୍ୟେଷ୍ଠ କୃଷ୍ଣ ଏକାଦଶୀ, ସାବିତ୍ରୀ ଅମାବାସ୍ୟା, ଶୀତଳଷଷ୍ଠୀ ଓ ରୁକ୍ମିଣୀହରଣ ଏକାଦଶୀ ଏହି ଚାରି ଦିନରେ ଶ୍ରୀମନ୍ଦିର ଭିତରବେଢ଼ାସ୍ଥ ଜଳକ୍ରୀଡ଼ା ମଣ୍ଡପରେ ଜଳକ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଥାଏ । ରୁକ୍ମିଣୀହରଣ ଏକାଦଶୀ ଦିନ କେବଳ ଦୋଳଗୋବିନ୍ଦ ଠାକୁର ଜଳକ୍ରୀଡ଼ା କରିଥାନ୍ତି । କିନ୍ତୁ ଅନ୍ୟ ତିନିଦିନ ଶ୍ରୀମଦନମୋହନ, ଶ୍ରୀଦେବୀଙ୍କ ସହିତ ଜଳକ୍ରୀଡ଼ା ମଣ୍ଡପସ୍ଥ କୁଣ୍ଡରେ ଜଳକ୍ରୀଡ଼ା କରିଥାନ୍ତି ।

ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ରୁକ୍ମିଣୀ ହରଣ ଲୀଳା ପାଳିତ ହୋଇଥାଏ । ଏହିଦିନ ସକାଳଧୂପ ପୂଜା ବସିବାବେଳେ ଦକ୍ଷିଣଘରେ ଶ୍ରୀମଦନମୋହନଙ୍କର ବେଶ ଅନୁଷ୍ଠିତ ହୁଏ । ଭୋଗ ମଣ୍ଡପ ଶେଷ ହେବା ପରେ ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ପ୍ରାପ୍ତହୋଇ ଶ୍ରୀମଦନମୋହନ ଜୟବିଜୟ ଦ୍ୱାରଠାରେ ବିଜେ କରିଥାନ୍ତି । ସେଠାରେ ପୁରାଣ ପଣ୍ଡା, ପୂଜାପଣ୍ଡା ଓ ପାଳିଆ ଖୁଣ୍ଟିଆ ଥାଇ ବଚନିକା ହୋଇଥାଏ । ଏହାପରେ ଶ୍ରୀମଦନମୋହନ ସାତପାହାଚ ତଳେ ରଖାଯାଇଥିବା ରଥରେ ବିଜେ କରି ବିମଳାଙ୍କ ମନ୍ଦିର ନିକଟକୁ ଯାଇଥାନ୍ତି । ଏହାପରେ ମହାଲକ୍ଷ୍ମୀଙ୍କ ମନ୍ଦିରରୁ ରୁକ୍ମିଣୀ ସ୍ୱରୂପିଣୀ ଶ୍ରୀଦେବୀ, ମା' ବିମଳାଙ୍କ ମନ୍ଦିରକୁ ଗମନ କରିଥାନ୍ତି । ଏଠାରେ ମା' ବିମଳାଙ୍କ ପୂଜା ଶେଷ ହେବା ପରେ ତାଙ୍କଠାରୁ ଆଜ୍ଞାମାଳ ପାଇ ଶ୍ରୀଦେବୀ ସେହି ମନ୍ଦିରରୁ ବାହାରକୁ ଆସିବା ସମୟରେ ଶ୍ରୀମଦନମୋହନ ଶ୍ରୀଦେବୀଙ୍କୁ ହରଣ କରିଥାନ୍ତି । ଏହାପରେ ଦେବୀ ସରସ୍ୱତୀଙ୍କ ମନ୍ଦିର ଆଗରେ ଶିଶୁପାଳ ସହ ଯୁଦ୍ଧ ହୁଏ । ଠାକୁର ଶିଶୁପାଳକୁ ପରାସ୍ତ କରି ରଥରେ ବାନ୍ଧି ଦିଅନ୍ତି । ଏହାପରେ ଦକ୍ଷିଣ ଘରୁ ଶ୍ରୀବଳଦେବ ବିମାନରେ ବିଜେ ହୋଇ ଆସି ଶିଶୁପାଳକୁ ବନ୍ଧନରୁ ମୁକ୍ତ କରାଇ ପୁନଶ୍ଚ ଦକ୍ଷିଣ ଘରକୁ ବାହୁଡ଼ିଯା'ନ୍ତି । ଶ୍ରୀଦେବୀ ଓ ମଦନମୋହନ ବାଟରେ ପନ୍ତିଭୋଗମାନ ମଣୋହି କରି ବିବାହ ନିମନ୍ତେ ବିବାହ ମଣ୍ଡପରେ ବିଜେ ହୁଅନ୍ତି । ଭିତରେ ସନ୍ଧ୍ୟାଧୂପ ପୂଜା ବସିଥିବା ସମୟରେ ବିବାହ ମଣ୍ଡପରେ ଠାକୁର ଠାକୁରାଣୀଙ୍କ ବିବାହ ନୀତି ସମ୍ପନ୍ନ ହୋଇଥାଏ ।

● *ମହାସଚିବ, ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ*

**ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ ।**
*ଶ୍ରୀମନ୍ଦିର ପ୍ରଶାସନ, ପୁରୀ*

# ଶ୍ରୀକ୍ଷେତ୍ର ପରିଚୟ

ନୀଳାଚଳନିବାସାୟ ନିତ୍ୟାୟ ପରମାତ୍ମନେ
ବଳଭଦ୍ରସୁଭଦ୍ରାଭ୍ୟାଂ ଜଗନ୍ନାଥାୟ ତେ ନମଃ

ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଚୀନ ଭାରତୀୟ ସଂସ୍କୃତି, ଧର୍ମ, ଦର୍ଶନ, ଅଧ୍ୟାତ୍ମ ଏବଂ ପ୍ରଜ୍ଞାର ଏକ ପୁରାତନ ସ୍ମୃତିସ୍ତମ୍ଭ। ପୁରାଣ ପ୍ରସିଦ୍ଧ ଯେଉଁ କେତେକ ପୁରାତନ ଧର୍ମ ଓ ସଂସ୍କୃତିର ପୀଠ ଅଦ୍ୟାବଧି ବିଦ୍ୟମାନ, ତନ୍ମଧ୍ୟରେ ପୁରୀ ଅନ୍ୟତମ। ଏ କ୍ଷେତ୍ରର ଗୌରବ ଓ ପ୍ରଭାବ ଅତୁଳନୀୟ। ହିନ୍ଦୁପୁରାଣ ଓ ଧର୍ମଶାସ୍ତ୍ରମାନଙ୍କରେ ଭାରତର ଚାରିଗୋଟି ପ୍ରସିଦ୍ଧ ଧାମର ବର୍ଣ୍ଣନା ଦେଖାଯାଏ ଏବଂ ତୀର୍ଥଯାତ୍ରୀମାନେ ଏହି ସ୍ଥାନଗୁଡ଼ିକୁ ଯାତ୍ରା କରି ଓ ସେଠାରେ ପ୍ରତିଷ୍ଠିତ ଦେବଦେବୀଙ୍କୁ ଦର୍ଶନ କରି ଆତ୍ମାକୁ ପବିତ୍ର କରିଥାନ୍ତି। ଏହି ଚାରିଗୋଟି ଧାମ ମଧ୍ୟରେ ପୁରୀ ସବୁଠାରୁ ମହତ୍ୱପୂର୍ଣ୍ଣ ଓ ଶ୍ରେଷ୍ଠ ଧାମ ରୂପେ ସର୍ବତ୍ର ବିଦିତ। କାରଣ ଧର୍ମ ପ୍ରଥା ଅନୁଯାୟୀ ବଦ୍ରିନାରାୟଣ, ଦ୍ୱାରକା ଓ ରାମେଶ୍ୱର, ଏହି ତିନି ଧାମ ଯାତ୍ରା କରି ସାରିବା ପରେ ପୁରୀର ପୁରୁଷୋତ୍ତମ ଧାମ ଯାତ୍ରା କରିବା ବିଧେୟ। ପୁଣି କଥିତ ଅଛି ଯେ ପ୍ରଭୁ ଜଗନ୍ନାଥ ବଦ୍ରିନାରାୟଣରେ ସ୍ନାନ କରନ୍ତି, ଦ୍ୱାରକାରେ ବେଶଭୂଷାରେ ମଣ୍ଡିତ ହୁଅନ୍ତି, ପୁରୀରେ ଅନ୍ନ ଭୋଗ ଗ୍ରହଣ କରନ୍ତି ଏବଂ ରାମେଶ୍ୱର ଧାମରେ ଶୟନ କରନ୍ତି। ତେଣୁ ପୁରୀଧାମ ଜଗନ୍ନାଥଙ୍କର ଭୋଜନ ଧାମ ରୂପରେ ପ୍ରସିଦ୍ଧ। କଥାରେ ଅଛି- 'ଜଗନ୍ନାଥଙ୍କ ଭାତ, ଜଗତ୍ ପସାରେ ହାଥ।' ଶ୍ରୀଜଗନ୍ନାଥଙ୍କର ଦୈନନ୍ଦିନ ଭୋଗ ନୈବେଦ୍ୟ ଅତି ଉତ୍ତମ ସାତ୍ତ୍ୱିକ ଦ୍ରବ୍ୟରେ ପ୍ରସ୍ତୁତ କରାଯାଏ। ପ୍ରତିଦିନ ଶ୍ରୀଜଗନ୍ନାଥଙ୍କୁ ଦିନରେ ତିନିଥର ଓ ରାତ୍ରିରେ ଦୁଇଥର ପୂଜା କରାଯାଇ ଭୋଗ କରାଯାଏ। ବିଭିନ୍ନ ଭୋଗ ସାମଗ୍ରୀ ଦ୍ୱାରା ପ୍ରତ୍ୟେକ ଥରର ପୂଜା ସମ୍ପନ୍ନ ହୁଏ।



### ଶ୍ରୀକ୍ଷେତ୍ରର ପ୍ରାଚୀନତା

ଏହି କ୍ଷେତ୍ରଟି ଶ୍ରୀକ୍ଷେତ୍ରର ପ୍ରାଚୀନତା ଅତି ପ୍ରାଚୀନ କାଳରୁ ପ୍ରତିଷ୍ଠିତ ହୋଇଅଛି। ଅବଶ୍ୟ ଐତିହାସିକମାନେ ଏହି କ୍ଷେତ୍ରର ଉତ୍ପତ୍ତି ଓ ପ୍ରତିଷ୍ଠା ସଂପର୍କରେ ଭିନ୍ନ ଭିନ୍ନ ମତ ପୋଷଣ କରନ୍ତି। କେତେକ ଆଲୋଚକ ଋଗ୍‌ବେଦରେ ମଧ୍ୟ ପୁରୁଷୋତ୍ତମ କ୍ଷେତ୍ରର ସୂଚନା ଥିବା ପ୍ରକାଶ କରନ୍ତି। ଆଉ କେତେକ ପ୍ରାଚୀନ ବ୍ୟାସକୃତ ମହାଭାରତ ଓ ବାଲ୍ମିକୀକୃତ ରାମାୟଣରେ ମଧ୍ୟ ଏହି କ୍ଷେତ୍ରର ସଙ୍କେତ ରହିଥିବା ଉଲ୍ଲେଖ କରିଛନ୍ତି। ବ୍ୟାସଦେବଙ୍କ କୃତ ପ୍ରସିଦ୍ଧ ଅଷ୍ଟାଦଶ ପୁରାଣ ମଧ୍ୟରୁ ସ୍କନ୍ଦ ପୁରାଣ ଅନ୍ତର୍ଗତ ଉତ୍କଳଖଣ୍ଡରେ ଏହି କ୍ଷେତ୍ରର ଅତି ବିସ୍ତୃତ ବର୍ଣ୍ଣନା ଦେଖିବାକୁ ମିଳେ। ଏହା ପୁରୁଷୋତ୍ତମ ମାହାତ୍ମ୍ୟ ନାମରେ ପ୍ରସିଦ୍ଧ। ତାହା ଛଡ଼ା ବ୍ରହ୍ମପୁରାଣ ଓ ବୃହତ୍ ନାରଦୀୟ ପୁରାଣରେ ମଧ୍ୟ ଏହି କ୍ଷେତ୍ରର ବିବରଣ କେତେକ ଅଧ୍ୟାୟରେ ଉଲ୍ଲେଖ କରାଯାଇଛି। ପଦ୍ମପୁରାଣରେ ରାମଚନ୍ଦ୍ରଙ୍କ ସାନଭାଇ ଶତ୍ରୁଘ୍ନ ଏହି କ୍ଷେତ୍ରକୁ ଆସିଥିବାର ବର୍ଣ୍ଣନା ଅଛି। ମତ୍ସ୍ୟପୁରାଣ, ଗରୁଡ଼ପୁରାଣ, କୂର୍ମପୁରାଣ ପ୍ରଭୃତିରେ ମଧ୍ୟ ଏହି କ୍ଷେତ୍ରର ସୂଚନା ରହିଛି। ଓଡ଼ିଶାର ସମସ୍ତ କ୍ଷେତ୍ର ଓ ତୀର୍ଥସ୍ଥାନର ବର୍ଣ୍ଣନା କରୁଥିବା କପିଳସଂହିତାରେ ମଧ୍ୟ ଏହି କ୍ଷେତ୍ର ପର୍ଯ୍ୟାପ୍ତ ସ୍ଥାନ ପାଇଛି। ସାରଳା ଦାସଙ୍କ ଓଡ଼ିଆ ମହାଭାରତ, ବଳରାମ ଦାସଙ୍କ ଓଡ଼ିଆ ଜଗମୋହନ ରାମାୟଣ, ଜଗନ୍ନାଥ ଦାସଙ୍କ ଦାରୁବ୍ରହ୍ମଗୀତା, ଅଚ୍ୟୁତାନନ୍ଦ ଦାସଙ୍କ ହରିବଂଶ, ଦିବାକର ଦାସଙ୍କ ଜଗନ୍ନାଥ ଚରିତାମୃତ, ଶିଶୁ କୃଷ୍ଣଦାସଙ୍କ ଦେଉଳତୋଳା, ମହାଦେବ ଦାସଙ୍କ ନୀଳାଦ୍ରି ମହୋଦୟରେ ମଧ୍ୟ ଏହି କ୍ଷେତ୍ରର ବିଭିନ୍ନ ବିବରଣ ଓ ଐତିହାସିକ ତଥ୍ୟ ଦେଖିବାକୁ ମିଳେ। ସଂସ୍କୃତରେ ରଚିତ ନୀଳାଦ୍ରି ମହୋଦୟ, ବାମଦେବ ସଂହିତା, ଯାତ୍ରା ଭାଗବତ ପ୍ରଭୃତିରେ ଏହି କ୍ଷେତ୍ରର ବିଭିନ୍ନ ନୀତି ଓ ଉତ୍ସବ ପ୍ରଭୃତିର ବିସ୍ତୃତ ବର୍ଣ୍ଣନା ରହିଛି।

ଆଶ୍ଚର୍ଯ୍ୟର କଥା, ଓଡ଼ିଶାରେ ଦ୍ୱାଦଶ ଶତାବ୍ଦୀରେ ଗଙ୍ଗବଂଶୀ ରାଜାମାନଙ୍କର ରାଜତ୍ୱ ପୂର୍ବରୁ କୌଣସି ଶିଳାଲେଖ କି ତାମ୍ରଶାସନରେ ଏହି କ୍ଷେତ୍ର କି ଏହି କ୍ଷେତ୍ରର ଦେବତା ଜଗନ୍ନାଥ ବା ପୁରୁଷୋତ୍ତମଙ୍କର କୌଣସି ଉଲ୍ଲେଖ ମିଳେ ନାହିଁ। କିନ୍ତୁ ଓଡ଼ିଶା ବାହାରେ ମିଳୁଥିବା ମୈହର ଶିଳାଲେଖ, ନାଗପୁର ଶିଳାଲେଖ, ପୂଜାରିପାଲି ଶିଳାଲେଖ ପ୍ରଭୃତିରେ ଯାତ୍ରୀମାନେ ପୁରୁଷୋତ୍ତମ କ୍ଷେତ୍ରକୁ ଆସୁଥିବାର ସୂଚନା ରହିଅଛି। ପ୍ରାଚୀନ ଅନର୍ଘରାଘବ ନାଟକ, ପ୍ରବୋଧ ଚନ୍ଦ୍ରୋଦୟ ନାଟକରେ ମଧ୍ୟ ଏହି କ୍ଷେତ୍ରର ଉଲ୍ଲେଖ ପ୍ରାପ୍ତ ହେଉଅଛି। ତେଣୁ ଖ୍ରୀ: ନବମ, ଦଶମ ଶତାବ୍ଦୀ ବେଳକୁ ଏହି କ୍ଷେତ୍ର ପ୍ରସିଦ୍ଧ ହୋଇଥିବାର ଓ ଏଠାକୁ ଦେଶର ବିଭିନ୍ନ ଅଞ୍ଚଳରୁ ତୀର୍ଥଯାତ୍ରୀମାନେ ଆସୁଥିବାର ପ୍ରମାଣ ମିଳୁଅଛି। କେତେକ ଗବେଷକ ପ୍ରମାଣ କରିଛନ୍ତି ଯେ ଖ୍ରୀ: ସପ୍ତମ ଶତାବ୍ଦୀରେ ଏହି କ୍ଷେତ୍ରର ପ୍ରତିଷ୍ଠା ହୋଇ ସେଠାରେ ଶ୍ରୀପୁରୁଷୋତ୍ତମ ଉପାସନା ପ୍ରଚଳିତ ହୋଇଛି।

● *(ସୌଜନ୍ୟ :- ଶ୍ରୀମନ୍ଦିର ପ୍ରକାଶନ, ପୁରୀ)*

ଜାଣିବା କଥା ...

## ଅଣସର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିରରେ 'ଖଟଶେଯ ମେକାପ ସେବା'ର ମହତ୍ୱ କ'ଣ ?

ଉ - ଶ୍ରୀମନ୍ଦିରରେ ଠାକୁରଙ୍କ ରତ୍ନ ପଲଙ୍କ ଦାୟିତ୍ୱରେ ଥିବା ସେବକ। ରାତ୍ର ପହୁଡ଼ ସମୟରେ ଜୟବିଜୟ ଦ୍ୱାରରେ ଡମ୍ବରୁ ପକାନ୍ତି। ତା'ପରେ ଶୟନକୁ ଠାକୁର ବିଜେ ହୁଅନ୍ତି। ରତ୍ନପଲଙ୍କ ଭିତରକୁ ନେଇ ସିଂହାସନ ତଳେ ରଖନ୍ତି। ଏହା ଠାକୁରଙ୍କ ବ୍ୟବହାର ପରେ ପୁନଶ୍ଚ ଖଟଶେଯ ଘରେ ସାଇତି ରଖନ୍ତି।

୨. ପ୍ର - ଶ୍ରୀମନ୍ଦିରରେ 'ଖଟୁଲି'ର ବ୍ୟବହାରିକତା କ'ଣ?

ଉ - ଶ୍ରୀମନ୍ଦିରର ଗର୍ଭଗୃହରେ ଶାଳଗ୍ରାମ ଆଦି ଦେବତା ଓ ଭାଗବତ ଗ୍ରନ୍ଥ ଯେଉଁ କ୍ଷୁଦ୍ର କାଷ୍ଠାସନ ଉପରେ ରଖାଯାଇଥାଏ। ଏହା ଏକ କ୍ଷୁଦ୍ର ଠାକୁର ବିମାନ।

୩. ପ୍ର - ଶ୍ରୀମନ୍ଦିରରେ 'ଖଟୁଲି ସେବକ'ଙ୍କ ଭୂମିକା କ'ଣ?

ଉ - ଯେଉଁ ସେବକ ଠାକୁରଙ୍କ ଅବକାଶ ନୀତିରେ ଶ୍ରୀମନ୍ଦିର ପୋଖରିଆ ମଧ୍ୟଭାଗରେ ତିନିଗୋଟି ଖଟୁଲି ରଖନ୍ତି। ଅନ୍ୟ ନୀତିମାନଙ୍କରେ ମଧ୍ୟ ଖଟୁଲି ଯୋଗାଇବା ଏହି ସେବକଙ୍କ କାର୍ଯ୍ୟ।

୪. ପ୍ର - ଶ୍ରୀମନ୍ଦିରରେ 'ଖଡ଼ା'ର ଆବଶ୍ୟକତା କ'ଣ ?

ଉ - ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଏକ ପ୍ରକାର ବସ୍ତ୍ର। ଏହା ବାର କିମ୍ବା ଷୋଳ ହାତ ଲମ୍ବ ଓ ଦେଢ଼ ହାତ ଓସାର ବିଶିଷ୍ଟ।

୫. ପ୍ର - ଶ୍ରୀମନ୍ଦିର ପରମ୍ପରାରେ 'ଖଡ଼ିକା ସଂସ୍କାର' କହିଲେ କ'ଣ ବୁଝାଯାଏ ?

ଉ - ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ରଥଯାତ୍ରା ସମୟରେ ପୁରୀ ଗଜପତି ଛେରାପହଁରା ପୂର୍ବରୁ ରାଜଗୁରୁ ସୁନା ଖଡ଼ିକା ପହଁରାକୁ ସଂସ୍କାର କରନ୍ତି। ଏହାକୁ ଖଡ଼ିକା ସଂସ୍କାର କୁହାଯାଏ।

୬. ପ୍ର - ଶ୍ରୀମନ୍ଦିର ପରମ୍ପରାରେ 'ଖଡ଼ି ପ୍ରସାଦ ଲାଗି' କ'ଣ ଗୁରୁତ୍ୱ ବହନ କରିଥାଏ ?

ଉ - ଶ୍ରୀବିଗ୍ରହମାନେ ଅଣସରରେ ଥିବା ସମୟରେ ଶ୍ରୀମୁଖ ଚିତ୍ରଣରେ ବ୍ୟବହୃତ ଖଡ଼ି ଆଦି ସାମଗ୍ରୀର ଅବଶେଷ। ଅଣସର ତ୍ରୟୋଦଶୀ ଦିନ ଦଉମହାପାତ୍ରଙ୍କ ଘରୁ ଘଣ୍ଟ, ଛତା, କାହାଳୀରେ ଖଡ଼ି ପ୍ରସାଦ ମନ୍ଦିରକୁ ଆସେ। ଖଡ଼ିଲାଗି ପରେ ଖଡ଼ି ପ୍ରସାଦ ଶ୍ରୀନଅରକୁ ପଟୁଆରରେ ଯାଏ।

୭. ପ୍ର - ଶ୍ରୀମନ୍ଦିରରେ 'ଖରଡ଼ା' ଶବ୍ଦର ଅର୍ଥ କ'ଣ ?

ଉ - ଶ୍ରୀକ୍ଷେତ୍ରର ରଥଯାତ୍ରା ସମୟରେ ରଥର ଗତିରୋଧ କରିବା ନିମନ୍ତେ ଏକ ବଡ଼ କାଠଗଡ଼ ରଥର ଚକ ତଳେ ପକାଇ ରଥକୁ ଅଟକାଇ ରଖାଯାଏ। ରଥ ବ୍ରେକ।

● *ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

*ଯୁଗେ ଯୁଗେ ରଥଯାତ୍ରା ...*

## ଇଷ୍ଟ ଇଣ୍ଡିଆ କମ୍ପାନୀ ଅମଳରେ ରଥଯାତ୍ରା ଏବଂ ମନ୍ଦିର ସମ୍ପର୍କିତ ସଂବାଦ

ଇଷ୍ଟ ଇଣ୍ଡିଆ କମ୍ପାନୀ ଶାସନ କାଳରେ ପୁରୀ ରଥଯାତ୍ରାର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା ।

### (୧୧) ୧୮୨୭ ମସିହା ରଥଯାତ୍ରା ସଂପର୍କୀତ ସଂବାଦ

ପେଗ ସାହେବଙ୍କ ଦ୍ୱାରା ରଚିତ ଇଣ୍ଡିଆସ୍ କ୍ରାଏସ୍ ଟୁ ବ୍ରିଟିଶ ହ୍ୟୁମାନିଟି



(୧୮୩୦)ରେ ଉଲ୍ଲିଖିତ ସୁତନ ସାହେବଙ୍କ ବର୍ଣ୍ଣନା ।

ବାହୁଡ଼ା ନିମନ୍ତେ ବିଗ୍ରହଗୁଡ଼ିକୁ ରଥ ଉପରେ ପୁନଃସ୍ଥାପିତ କରା ଯାଇଥିଲା । ଅପଲକ ନେତ୍ରରେ ଚାହିଁ ରହିଥିବା ସମବେତ ଜନତାଙ୍କୁ ରଥ ଟାଣିବା ପାଇଁ ଅନୁପ୍ରାଣିତ କରିବା ନିମନ୍ତେ ଯେଉଁ ଭଳି ବିଭିନ୍ନ ଅଙ୍ଗଭଙ୍ଗୀ ପ୍ରଦର୍ଶନ ପୂର୍ବକ ଅଶ୍ଳୀଳ ସଂଗୀତ ଆବୃତ୍ତି କରା ଯାଉଥିଲା, ତାହାକୁ ମୁଁ ଉଲ୍ଲେଖ ନ କରି ବିରତ ରହିପାରିଲି ନାହିଁ । ସେହି ଦିନ ଜନୈକ ହତଭାଗ୍ୟ ଜଗନ୍ନାଥଙ୍କ ରଥ ତଳେ ନିଜକୁ ସମର୍ପଣ କରି ଚିପି ହୋଇ ମୃତ୍ୟୁବରଣ କରିଥିଲା ।

ଏହି ଆତ୍ମହତ୍ୟା ଘଟଣାକୁ ଉଲ୍ଲେଖ କରି ରେଭରେଣ୍ଡ ପେଗ୍ ଦୁଃଖ ପ୍ରକାଶ କରି କହିଥିଲେ-କେବେ ବ୍ରିଟେନ ଏହି ବିଗ୍ରହ ପୂଜା ବନ୍ଦ କରିବା ପାଇଁ ବ୍ୟବସ୍ଥା କରିବ ? କେବେ ଖ୍ରୀଷ୍ଟିୟାନ ଧର୍ମ ଏହି ଯନ୍ତ୍ରଣାଦାୟକ ବର୍ବରତାର ବିଲୋପ ସାଧନ କରିବ ?

(ଅନୁବାଦିତ)

### (୧୨) ୧୮୩୦ ମସିହା ରଥଯାତ୍ରା ସଂପର୍କୀତ ସଂବାଦ

ଏମ୍.ଡି.ସର୍ଟ., ଯିଏ କି ଓଡ଼ିଶାରେ ଚାକିରୀ କରୁଥିଲେ, ଏସିଆଟିକ୍ ରିଭ୍ୟୁ ଲଣ୍ଡନ (ଜୁଲାଇ-ଡିସେମ୍ବର ୧୮୩୦) କୁ ଲେଖିଥିଲେ-

ଆତ୍ମ ବିସର୍ଜନର ସଂଖ୍ୟା ଅତିରିକ୍ତ ନୁହେଁ । ମୁଁ ଭାବୁଛି ଏ ଦେଶରେ (ଇଂଲଣ୍ଡ) ଆତ୍ମହତ୍ୟାର ସଂଖ୍ୟା, ଆମ ଅଧିକୃତ ଭାରତରେ ଧର୍ମୋନ୍ମତ୍ତତା ଯୋଗୁଁ ଆତ୍ମ ବିସର୍ଜନର ସଂଖ୍ୟାଠାରୁ ବହୁତ ଅଧିକ । ମୁଁ ନିଶ୍ଚିତ ଯେ ଲଣ୍ଡନରେ ଏକବର୍ଷରେ ତାଲିକାଭୁକ୍ତ କରାଯାଇଥିବା ଆତ୍ମହତ୍ୟାର ସଂଖ୍ୟା ଭାରତ ବର୍ଷରେ ଦଶବର୍ଷର ରଥଯାତ୍ରାରେ ଘଟିଥିବା ପ୍ରାଣହାନି ଠାରୁ ବହୁତ ଅଧିକ ଅଟେ ।

(ଅନୁବାଦିତ)

### (୧୩) ୧୮୪୦ ମସିହା ରଥଯାତ୍ରା ସଂପର୍କୀତ ସଂବାଦ

ସଦର ବୋର୍ଡ଼ ଅଫ୍ ରେଭିନ୍ୟୁକୁ ମିଲ୍‌ସ ଲେଖିଥିବା ଚିଠି,

ଅଗଷ୍ଟ ୫,୧୮୪୦ ।

ଜଗନ୍ନାଥଙ୍କ ରଥ ତଳେ ତିନିଜଣଙ୍କର ମୃତ୍ୟୁ ଘଟିଥିଲା । ଏଗୁଡ଼ିକ ହୁଏତ ଦୁର୍ଘଟଣା କିମ୍ବା ଆତ୍ମହତ୍ୟା ବୋଲି ଧରା ଯାଇପାରେ ।

(ଅନୁବାଦିତ)

*ଐତିହ୍ୟ ପୃଷ୍ଠାରୁ ...*

## ଆବୁନସର ଉପରେ ଚଡ଼କ ପଡ଼ିଲା

ଶ୍ରୀମୁକୁନ୍ଦ ଦେବ ଥାନ୍ତି ଗଜପତି । ୧୬୬୦ ମସିହାରେ ସୁବେଦାର ହୋଇ ଓଡ଼ିଶାକୁ ଆସିଥିଲା ଖାନ୍-ଇ-ଦୁରାନ୍ । ଗୋଟିଏ ବର୍ଷ ନ ପୂରୁଣୁ ଖୋର୍ଦ୍ଧାଗଡ଼ ଉପରେ ଆକ୍ରମଣ କରି କଳାକନା ବୁଲେଇ ଦେଇଥିଲା । ସେ ହିଁ କେନ୍ଦ୍ରାପଡ଼ାର ଶ୍ରୀବଳଦେବଙ୍କ ମନ୍ଦିର ଭାଙ୍ଗି ଦେଇଥିଲା ।

ତା'ପରେ ସୁବେଦାର ହେଲା ସାୟସ୍ତ ଖାଁ । ତାରି ପୁତ୍ର ଥିଲା ଆବୁନସର । ସେ ଓଡ଼ିଶାରେ ଅନେକ ଆକ୍ରମଣର ଏକ ବାତାବରଣ ସୃଷ୍ଟି କରିଥିଲା । ଦେବୀ ଶାରଳାଙ୍କ ପ୍ରାଚୀନ ମନ୍ଦିର ଭାଙ୍ଗିଦେଲା । ସେତେବେଳକୁ ଯାଜପୁରର ପ୍ରାୟ ମନ୍ଦିର ମୋଗଲମାନେ ଧ୍ୱଂସ କରିସାରିଥିଲେ । ଯାଜପୁର-କେନ୍ଦ୍ରାପଡ଼ା-ଜଗତସିଂହପୁରର ଢ଼େର ମନ୍ଦିର ମାଟିରେ ମିଶାଇବା ପରେ ନଜର ପଡ଼ିଥିଲା ଶ୍ରୀମନ୍ଦିର ଉପରେ ।


ବିରାଟ ସେନାବାହିନୀ ଧରି ଆବୁନସର ଖାଁ ଶ୍ରୀମନ୍ଦିର ଆକ୍ରମଣ ପାଇଁ ଅଭିଯାନ ଆରମ୍ଭ କରିଥିଲା । ପିପିଲି ବାଟ ଦେଇ ଶ୍ରୀକ୍ଷେତ୍ରକୁ ଆସୁଥିବା ବେଳେ ଘୂର୍ଣ୍ଣିଝଡ଼ ହେଲା । ଚୈତ୍ର ମାସ । ଘୂର୍ଣ୍ଣିଝଡ଼ ପରେ ଘଡ଼ଘଡ଼ି ଚଡ଼ଚଡ଼ି ମାରିଲା ।

ଯାକୁ ମାଦଳା ପାଂଜିକାର ଲେଖିଲେ 'ଚଡ଼କ ପଡ଼ିଲା' ।

ଚଡ଼କ ପଡ଼ିବା ପରେ କ'ଣ ହେଲା କେଜାଣି ଆବୁନସର ଡ଼ରିଗଲା । ସେଇଠି ଅଭିଯାନ ଅଟକିଗଲା । ଭୟ ବିକଳରେ ରାତି କଟିଗଲା । ସକାଳୁ ଶୁଣିଲା ଗଜପତି ବିଜେ କରିଛନ୍ତି ଦାଣ୍ଡମୁକୁନ୍ଦପୁର ନଅରରେ । ମାଦଳାପାଂଜି (ପୃ-୬୯)ରେ ଏହା ସମର୍ଥିତ ହୋଇଛି । ଖବର ପଠେଇଲା ଦେଖା କରିବି । ଦେଖାହେଲା । ଗଜପତି ଭୟଭୀତ ହୋଇ ଯାଇଥିବା ଆବୁନସରକୁ କ'ଣ ବୁଝେଇଲେ ତାହା ଇତିହାସରେ ନାହିଁ, ମାତ୍ର 'ରାଜାଙ୍କ ସଙ୍ଗେ ପ୍ରୀତି ହେଲା' ବୋଲି ମାଦଳାରେ ବର୍ଣ୍ଣନା ରହିଛି, ତେଣୁ କିଛି ଆଲୋଚନା ହୋଇଥିଲା... ଗଜପତି ତା ମାନସିକ ସ୍ଥିତିକୁ ଠଉରେଇ କଳ-କଉଶଳରେ କିଛି ଇଲମ ଦେଇଥିଲେ- ! ! ଫଳରେ ସେଇଠୁ କଟକ ବାହୁଡ଼ିଗଲା ।

ଗୋଟିଏ ବର୍ଷ ପରେ ବସନ୍ତ ରୋଗରେ ଗଜପତିଙ୍କର ଯାଜପୁର ଠାରେ ଦେହାନ୍ତ ହୋଇଥିଲା । ପାଟମହାଦେଈ ତାଙ୍କ ଚିତାରେ ଝାସ ଦେଇ ପ୍ରାଣ ତ୍ୟାଗ କରିଥିଲେ । କିନ୍ତୁ ଚଡ଼କ ପଡ଼ିଲା । ପରେ କି ଇଲମ ସେ ମୋଗଲକୁ ଦେଇଥିଲେ ତାହା ଅକୁହା ହୋଇ ରହିଗଲା.... ।

*ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର- ପୂର୍ବତନ ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ, (ଦୋଳମଣ୍ଡପ ସାହି), ପୁରୀ-୧*



ସୁନା ବେଶ

# ଶ୍ରୀମନ୍ଦିରରେ ଦୁର୍ଗାମାଧବଙ୍କ ବାହାର ବିଜେ ନୀତି...








# ଫଟୋରେ ଖବର...






ତା. ୬.୧୦.୨୧ରେ ମହାଳୟା ଅମାବାସ୍ୟା ତିଥିରେ ଶ୍ରୀନାରାୟଣଙ୍କ ସାଗର ବିଜେ ।



ତା. ୧୧.୧୦.୨୧ରେ ନୀଳାଦ୍ରି ଭକ୍ତ ନିବାସ ଠାରେ
ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାରଙ୍କ ଅଧ୍ୟକ୍ଷତାରେ ଆହୂତ
'ଅର୍ଥ-ସବ୍ କମିଟି' ବୈଠକ ।



ତା. ୧୧.୧୦.୨୧ରେ ନୀଳାଦ୍ରି ଭକ୍ତ ନିବାସ ଠାରେ
ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାରଙ୍କ ଅଧ୍ୟକ୍ଷତାରେ ଆହୂତ
'ଛତିଶା ନିଯୋଗ' ବୈଠକ ।






ତା. ୨୦.୧୦.୨୧ରେ କୁମାର ପୂର୍ଣ୍ଣିମା ଅବସରରେ ଶ୍ରୀସୁଦର୍ଶନ ଦେବଙ୍କ ଆଶ୍ରମ ବିଜେ ।

# କାଂଚି ଅଭିଯାନର ସ୍ମାରକୀ

ପଞ୍ଚଦଶ ଶତାବ୍ଦୀରେ ଗଜପତି ମହାରାଜା କପିଳେନ୍ଦ୍ର ଦେବ ଦାକ୍ଷିଣାତ୍ୟ ବିଜୟ କରିଥିଲେ । ସେତେବେଳେ ତାଙ୍କ ସାଥିରେ ଥିଲେ ତାଙ୍କ ପ୍ରିୟ ସନ୍ତାନ ପୁରୁଷୋତ୍ତମ ଦେବ । କୃଷ୍ଣା ନଦୀର ତୀରରେ ଥିବା କାଂଚି ରାଜ୍ୟର ରାଜକେମାଙ୍କ ସହ ତାଙ୍କର ସାକ୍ଷାତ୍ ହୋଇଥିଲା ଏବଂ ତାଙ୍କ ସହିତ ବିବାହ ବନ୍ଧନରେ ଆବଦ୍ଧ ହେବା ପାଇଁ ସେ ପ୍ରସ୍ତାବ ଦେଇଥିଲେ । ମହାରାଜା କପିଳେନ୍ଦ୍ର ଦେବଙ୍କ ଛେରାପହଁରା ନୀତି ଅନୁସରଣ କରୁଥିବା ଗଜପତି ପୁରୁଷୋତ୍ତମ ଦେବଙ୍କୁ କନ୍ୟାଦାନ କରିବା ପାଇଁ କାଂଚି ନରପତି ଖାଲ୍ୱ ନରସିଂହ ଅମଙ୍ଗ ହେଲେ । ଫଳରେ ଉତ୍କଳ ଏବଂ କାଂଚି ମଧ୍ୟରେ ଯୁଦ୍ଧ ହେଲା ଏବଂ ଉତ୍କଳର ସେନାପତି ଯୁଦ୍ଧ କ୍ଷେତ୍ରରେ ନିହତ ହେବାରୁ ଉତ୍କଳ ପରାଜୟ ବରଣ କଲା । ଗଜପତି ପୁରୁଷୋତ୍ତମ ଦେବ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶରଣ ପଶିଲେ ଏବଂ ଉତ୍କଳର ବିଜୟ ବାନା ଉଡ଼ାଇବା ପାଇବା ପାଇଁ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ । ବଡ଼ ଭାଇ ଶ୍ରୀବଳଭଦ୍ରଙ୍କ ସହିତ ଶ୍ରୀଜଗନ୍ନାଥ ମହାପ୍ରଭୁ କଳାଧଳା ଘୋଡ଼ା ଚଢ଼ି ସୈନିକ ବେଶରେ କାଂଚି ଅଭିମୁଖେ ଯାତ୍ରା କଲେ । ବାଟରେ ମାଣିକ ପାଟଣାରେ ମାଣିକ ଗଉଡୁଣୀ ଠାରୁ ଦହିଖାଇ ଆପଣାର ସୁବର୍ଣ୍ଣ ମୁଦ୍ରିକା ଦେଇ ଚାଲିଗଲେ । କୃଷ୍ଣା ନଦୀ କୂଳର ଜଙ୍ଗଲ ମଧ୍ୟରେ ଯାଉ ଯାଉ ବାଟରେ ଘୋଡ଼ା ଦୁଇଟି ଅଟକି ରହିଲେ । ଘୋଡ଼ାରୁ ଓହ୍ଲାଇ ମହାପ୍ରଭୁ ଦେଖିଲେ ଅତି ସୁଶୋଭିତ ବୃକ୍ଷମୂଳରେ ବିଜେ ହୋଇଛନ୍ତି ମା ତାରିଣୀ ଠାକୁରାଣୀ । ମା'ଙ୍କୁ ଆଶ୍ୱାସନା ଦେଇ କହିଲେ ଯୁଦ୍ଧରେ ବିଜୟବାନା ଉଡ଼ାଇ ଫେରିଲାବେଳେ ତୁମକୁ ଆମ୍ଭେ ଶ୍ରୀକ୍ଷେତ୍ରକୁ ସଙ୍ଗରେ ନେଇଯିବୁ । କାଞ୍ଚି ରାଜ୍ୟର ଯୁଦ୍ଧ ପ୍ରାଙ୍ଗଣରେ ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଉପସ୍ଥିତି ଉତ୍କଳର ସୈନିକମାନଙ୍କୁ ଦ୍ୱିଗୁଣ ଉତ୍ସାହିତ କଲା । କେଉଁଝର ଗଡ଼ର ରାଜପୁତ୍ର ଗୋବିନ୍ଦ ଭଂଜ ଯିଏ କି ଯୁଦ୍ଧ ବିଦ୍ୟାରେ ପାରଙ୍ଗମ ଥିବାରୁ ଗଜପତି ତାଙ୍କୁ ସେନାପତି ପଦରେ ବରଣ କରିଥିଲେ । ତାଙ୍କର ଅପୂର୍ବ ଯୁଦ୍ଧ କୌଶଳ କାଂଚି ସେନାଙ୍କ ମନରେ ଭୀତି ସଂଚାର କଲା । ଏଣେ କାଂଚି ରାଜାଙ୍କ ଇଷ୍ଟ ଦେବତା ଗଣପତିଙ୍କ ପ୍ରତାପକୁ ପରାହତ କଲେ ସ୍ୱୟଂ ଶ୍ରୀଜଗନ୍ନାଥ ମହାପ୍ରଭୁ । ଫଳରେ କାଂଚି ଅଭିଯାନ ସଫଳ ହେଲା । କାଂଚି ରାଜକନ୍ୟା ରୂପାୟିକା ଏବଂ କାଞ୍ଚି ଗଣେଶଙ୍କୁ ସଂଗରେ ଧରି ବିଜୟ ବାହୁଡ଼ା କଲେ ମହାପ୍ରଭୁ, ଗଜପତି ପୁରୁଷୋତ୍ତମ ଦେବ, ସୁଦକ୍ଷ ସେନାପତି ଗୋବିନ୍ଦ ଭଞ୍ଜ ଏବଂ ଉତ୍କଳର ବୀର ପାଇକ ସେନା । ମହାପ୍ରଭୁଙ୍କ ନିର୍ଦ୍ଦେଶ ଅନୁଯାୟୀ କାଂଚି କାନନରୁ ମା ତାରିଣୀଙ୍କୁ ମଧ୍ୟ ସଂଗରେ ନେଇ ଆସିଲେ । କାଂଚି ଗଣେଶ ଏବଂ ମା ତାରିଣୀଙ୍କୁ ଶ୍ରୀମନ୍ଦିର ବେଢ଼ାରେ ରଖି ପୂଜା ଉପାସନାର ବ୍ୟବସ୍ଥା କରାଗଲା । ଇତ୍ୟବସରରେ କେଉଁଝର ଗଡ଼ର ରାଜା ତ୍ରିଲୋଚନ ଭଂଜ ପରଲୋକ ଗମନ କଲେ । ରାଜ ପରିବାରର ରାଜମାତା, ମନ୍ତ୍ରୀ ପାରିଷଦ ବର୍ଗ ସର୍ବୋପରି କେଉଁଝରର ପ୍ରଜାମାନେ ଗଜପତି ମହାରାଜା ପୁରୁଷୋତ୍ତମ ଦେବଙ୍କୁ ପ୍ରାର୍ଥନା କଲେ ସେନାପତି ଗୋବିନ୍ଦ ଭଞ୍ଜଙ୍କୁ କେଉଁଝର ରାଜସିଂହାସନରେ ଅଭିଷିକ୍ତ କରାଇବା ପାଇଁ । ଗଜପତି ମହାରାଜା ଏଥିରେ ସମ୍ମତି ପ୍ରଦାନ କଲେ । ବିଦାୟ ନେବା ପୂର୍ବରୁ ସେନାପତି ଗୋବିନ୍ଦ ଭଂଜ, ମା ତାରିଣୀଙ୍କୁ ସଂଗରେ ନେଇ କେଉଁଝର ଫେରିଯିବା ପାଇଁ ଗଜପତିଙ୍କ ଅନୁମତି ଭିକ୍ଷା କଲେ । ଗଜପତି ଆଦେଶ ଦେଲେ ପ୍ରଥମେ ମା'ଙ୍କୁ ପ୍ରାର୍ଥନା କର । ତାଙ୍କ ଆଜ୍ଞା ହେଲେ ସଂଗରେ ନେଇଯାଅ । ମା'ଙ୍କୁ ପ୍ରାର୍ଥନା କରିବାରୁ ମା, ମହାପ୍ରଭୁଙ୍କ ଆଜ୍ଞା ନେଇ ଗୋବିନ୍ଦ ଭଂଜଙ୍କୁ ସ୍ୱପ୍ନାଦେଶ ଦେଲେ ତୁମେ ଅଶ୍ୱପୃଷ୍ଠରେ ବସି ଚାଲ । ମୁଁ ତୁମ ପଛେ ପଛେ ଯାଉଛି । ମୋର ପଦମଞ୍ଜିର ଧ୍ୱନି ଶୁଣିଲେ ଜାଣିପାରିବ ମୁଁ ତୁମ ପଶ୍ଚାତରେ ଅଛି । ଗୋବିନ୍ଦ ଭଂଜ ଅଶ୍ୱ ପୃଷ୍ଠରେ ଯାତ୍ରା କରୁଛନ୍ତି । ଶୁଣା ଯାଉଛି ମା ତାରିଣୀଙ୍କ ମୃଦୁ ମଧୁର ପଦମଞ୍ଜିର ଧ୍ୱନି । ଶ୍ୟାମଳ ବନରାଜି ସୁଶୋଭିତ କେଉଁଝରର ମୁନି ମନଲୋଭା କୁଂଜକାନନର ଅପୂର୍ବ ସବୁଜ ସୁଷମା । ହଠାତ୍ ଥମିଗଲା ମା ତାରିଣୀଙ୍କ ପଦମଞ୍ଜିର ଧ୍ୱନି । ପଛକୁ ଚାହିଁବେ ନାହିଁ ବୋଲି ସତ୍ୟ କରି ଆସିଥିବା ଗୋବିନ୍ଦ ଭଂଜଙ୍କ ମନରେ ସନ୍ଦେହର ସରୁ ରେଖାଟିଏ ଦେଖାଦେଲା । ପଛକୁ ଚାହିଁ ଦେଇ ଦେଖନ୍ତି ତ ମା ବିଜେ ହୋଇଛନ୍ତି ଏକ ସୁଶୋଭିତ ସବୁଜ ଶ୍ୟାମଳ ତରୁ କୁଂଜରେ । ଗୋବିନ୍ଦ ଭଂଜ ଅଶ୍ୱପୃଷ୍ଠରୁ ଓହ୍ଲାଇ ପଡ଼ି ମା'ଙ୍କ ପାଦ ତଳେ ଗଡ଼ଘାଲି ଶୋଇଗଲେ । ପ୍ରାର୍ଥନା କଲେ ମା ମୋର ଦୋଷ କ୍ଷମା କର ମା ! କେଉଁଝର ରାଜବାଟିରେ ବିଜେ କରିବା ପାଇଁ ଆଜ୍ଞା ହେଉ । ଶୂନ୍ୟବାଣୀ ହେଲା । ମୁଁ ଏଇଠି ରହିବି । ଏ ସ୍ଥାନ ହେବ ଭକ୍ତମାନଙ୍କର ପ୍ରସିଦ୍ଧ ତୀର୍ଥସ୍ଥଳୀ । ଘଟ ଗାଁ । କାଂଚି ଅଭିଯାନର ସ୍ମାରକୀ ।



*ଶ୍ରୀ ଶଂକର୍ଷଣ ମଂଗରାଜ, (ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ)*

*● ମଂଗଳାଘାଟ ରୋଡ୍, ପୁରୀ-୧*

## ନଭେମ୍ବର ମାସର ବିଶିଷ୍ଟ ଦିବସ

| | | |
|---|---|---|
| ତା. ୧.୧୧.୨୧ ରିଖ | ସୋମବାର | ଶ୍ରୀମନ୍ଦିରରେ ରମା ଏକାଦଶୀ |
| ତା. ୪.୧୧.୨୧ ରିଖ | ଗୁରୁବାର | ଦୀପାବଳୀ ଅମାବାସ୍ୟା |
| ତା. ୧୨.୧୧.୨୧ ରିଖ | ଶୁକ୍ରବାର | ଶ୍ରୀମନ୍ଦିରରେ ଅଁଳା ନବମୀ |
| ତା. ୧୫.୧୧.୨୧ ରିଖ | ସୋମବାର | ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ହରିଉତ୍ଥାପନ ଓ ଲକ୍ଷ୍ମୀନାରାୟଣ ବେଶ |
| ତା. ୧୬.୧୧.୨୧ ରିଖ | ମଙ୍ଗଳବାର | ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ବାଙ୍କଚୂଡ଼ ବେଶ, ଗରୁଡ଼ ଉତ୍ଥାପନ ଓ ବିଛା ସଂକ୍ରାନ୍ତି |
| ତା. ୧୭.୧୧.୨୧ ରିଖ | ବୁଧବାର | ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଡାଳିକିଆ ବା ତ୍ରିବିକ୍ରମ ବେଶ |
| ତା. ୧୮.୧୧.୨୧ ରିଖ | ଗୁରୁବାର | ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଲକ୍ଷ୍ମୀନୃସିଂହ ବେଶ |
| ତା. ୧୯.୧୧.୨୧ ରିଖ | ଶୁକ୍ରବାର | ଶ୍ରୀମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଓ ଶ୍ରୀଜୀଉଙ୍କ ରାଜାଧିରାଜ ବେଶ |
| ତା. ୨୭.୧୧.୨୧ ରିଖ | ଶନିବାର | ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ |
| ତା. ୩୦.୧୧.୨୧ ରିଖ | ମଙ୍ଗଳବାର | ଶ୍ରୀମନ୍ଦିରରେ ଉତ୍ପନ୍ନା ଏକାଦଶୀ |

ସୌଜନ୍ୟ- OMC ODISHA NEW OPPORTUNITIES

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**
**E-mail : jagannath.or@nic.in * Web Site : www.shreejagannatha.in**
**Printed at : Rama Press, North Gate, Puri**
ମୂଲ୍ୟ : ଦୁଇଟଙ୍କା ମାତ୍ର